# ODM PUBLIC SCHOOL

CLASS : v
SUBJECT : (ଓଡିଆ)
CHAPTER NUMBER:04
CHAPTER NAME : ନୂଆଖାଇ
SUBTOPIC :ବହି ପ୍ରଶ୍ନଉତ୍ତର

# ପ୍ରଶ୍ନ୮-ତଳେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଲେଖିବା ।

୮-(କ) ନୂଆଖାଇ ପର୍ବ କେବେ ପାଳନ କରାଯାଏ ?

(ଖ) ଏହି ପର୍ବ ପାଳନ ପୂର୍ବରୁ ଲୋକମାନେ କିପରି ନିଜକୁ ପ୍ରସ୍ତୁତ କରନ୍ତି ?

(ଗ) 'ନୂଆଖାଇ ଜୁହାର' କିଏ କାହାକୁ କରନ୍ତି ?

(ଘ) 'ନୂଆଖାଇ ଭେଟଘାଟ'କେତେବେଳେ ହୋଇଥାଏ ?

(ଙ) ତୁମେ ଜାଣିଥିବା କେତୋଟି ପର୍ବପର୍ବାଣିର ନାମ ଲେଖ ।

ODM EDUCATIONAL GROUP
Changing your Tomorrow

Edit with WPS Office

# ଉତ୍ତର

୮-(କ) ନୂଆଖାଇ ପର୍ବ ଭାଦ୍ରବମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଏ ।
(ଖ)ଏହି ପର୍ବ ପାଳନ ପୂର୍ବରୁ ଘର ଲିପାପୋଛା,ଘର ସଜାସଜି,ପୂଜା ପାଇଁ ଧୂପ,ଦୀପ,ମିଠାପିଠା , ନୂଆବସ୍ତ୍ର ଆଦି ସଂଗ୍ରହ କରି ପ୍ରସ୍ତୁତ ହୁଅନ୍ତି ।
(ଗ) 'ନୂଆଖାଇ ଜୁହାର'ସାନମାନେ ବଡ଼ମାନଙ୍କୁ କରନ୍ତି ।
(ଘ) ନୂଆଖାଇ ସାରି ଘରର ଝିଅବୋହୂମାନେ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ଗୁରୁଜନମାନଙ୍କୁ ମୁଣ୍ଡିଆ ମାରନ୍ତି,ଏତିକିବେଳେ 'ନୂଆଖାଇ ଭେଟଘାଟ'ହୋଇଥାଏ ।
(ଙ) ଆମେ ଜାଣିଥିବା କେତୋଟି ପର୍ବପର୍ବାଣିର ନାମହେଲା,ରଜ,ବାଲିଯାତ୍ରା,ରଥଯାତ୍ରା, ଦୁର୍ଗାପୂଜା,ହୋଲି ଇତ୍ୟାଦି ।

Edit with WPS Office

# ପ୍ରଶ୍ନ୯-ନିଜ ଭାଷାରେ ବୁଝାଇ ଲେଖିବା ।

‘ଏଥିରେ ଜାତିଅଜାତି,ଉଚ୍ଚନୀଚ,ଭେଦଭାବ ନ ଥାଏ’।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ବିପିନ ବିହାରୀ ବିଶିଙ୍କ ଦ୍ୱାରା ଲିଖିତ ‘ନୂଆଖାଇ’ ପ୍ରବନ୍ଧରୁ ଆସିଅଛି।ଏଠାରେ ଲେଖକ ନୂଆଖାଇ ପର୍ବର ବିଶେଷତ୍ୱ ସମ୍ବନ୍ଧରେ ଲେଖିଛନ୍ତି ।
ଆମ ଓଡ଼ିଶାରେ ବାରମାସରେ ତେର ପର୍ବ ପାଳନ କରାଯାଏ । ସେଥିମଧ୍ୟରୁ ନୂଆଖାଇ ପର୍ବ ହେଉଛି ଗୋଟିଏ । ପୁରପଲ୍ଲୀଠାରୁ ଆରମ୍ଭ କରି ସହର ଯାଏଁ ଏହି ପର୍ବକୁ ଯାକଯମକରେ ପାଳନ କରାଯାଏ । ଧୂପ,ଦୀପ,କର୍ପୁର,ଚନ୍ଦନରେ ଘର ମହକି ଉଠେ । ବିଭିନ୍ନ ପ୍ରକାର ମିଠାପିଠାର ମଜା ନିଅନ୍ତି ଲୋକମାନେ । କାହା ମନରେ ରାଗରୁଷା, ମାନଅଭିମାନ ନ ଥାଏ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବ ସୃଷ୍ଟି ହୋଇଥାଏ । ଜାତି,ଧର୍ମ,ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଉତ୍ସାହ ଓ ଉଦ୍ଦୀପନାରେ ଏହି ପର୍ବ ପାଳନ କରିଥାନ୍ତି । କାହା ମନରେ ଜାତିଅଜାତି,ଉଚ୍ଚନୀଚ,ଭେଦଭାବ ନ ଥାଏ ।
ଏଠାରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି ।

Edit with WPS Office

ODM EDUCATIONAL GROUP

# ପ୍ରଶ୍ନ୭-ସୋମା ଓ ରାଜୁ ଯଦି ଆସିବେ ମୁଁ ଯିବି ।

## ଏହି ବାକ୍ୟରେ 'ଓ',ଯଦି ଶବ୍ଦ ଦୁଇଟି ଅବ୍ୟୟପଦ । ସେହିପରି ତଳ ବାକ୍ୟଗୁଡିକରେ ଥିବା ଅବ୍ୟୟପଦକୁ ବାଛି ଲେଖିବା ।

ପ୍ରଶ୍ନ୭-(କ) ମୁଁ ତାକୁ ଡାକିଲି,କିନ୍ତୁ ସେ ଆସିଲା ନାହିଁ ।
(ଖ)ବୃକ୍ଷଲତା ତ ଆମର ବନ୍ଧୁ ।
(ଗ) ଅଳସୁଆ ହୋଇ ବସ ନାହିଁ,ବରଂ କିଛି କାମ କର ।
(ଘ) ମୁଁ ତାକୁ ଏତେ ଅନୁରୋଧ କଲି, ତଥାପି ସେ ମୋ କଥା ଶୁଣିଲା ନାହିଁ ।
(ଙ) ସେ ଆଜି ଆସିଥିଲେ, ପୁଣି କାଲି ଆସିବେ ।

## ଗୃହକର୍ମ

ଆଲୋଚିତ ପ୍ରଶ୍ନ ୭ ର ଉତ୍ତର ଖାତାରେ କର ।

Edit with WPS Office

# LEARNING OUTCOME:

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

Edit with WPS Office

# THANKING YOU

# ODM EDUCATIONAL GROUP

Edit with WPS Office